

# ଲଗାଣ ବର୍ଷାରେ ଜଳମଗ୍ନ କୋରାପୁଟ ଜିଲ୍ଲା



**ଜୟପୁର(ଅମୃତ ମିଡିଆ) :** କୋରାପୁଟ ଜିଲାରେ ଦୀର୍ଘ ୩ ଦିନ ହେବ ଲଗାଣ ବର୍ଷାରେ ବେହାଲା ହୋଇଛି । ତୁହା କୁ ତୁହା ବର୍ଷାରେ ଜନ ଜୀବନ ଅବସ୍ତବ୍ୟସ୍ତ ହୋଇ ପଡିଛି । ସବୁ ଆଡେ ଆଣ୍ଠୁଏ ଲେଖାଏ ପାଣି । ବିଦ୍ୟାଳୟର କ୍ଳାସ ରୁମରେ ପାଣି । ଲଗାଣ ବର୍ଷାରେ ଜୟପୁର ନିକଟ ପାତ୍ରପୁଟ, ପଣସପୁଟ ବାଗ୍ରା ଓ ଜିଲା ଚିକିତ୍ସାଳୟ ନିକଟର ଗଛ ଉପୁଡି ପଡି ରାସ୍ତା ଅବରୋଧ ହୋଇଥିଲା । ଗାଡି ଚଳା ଚଳାରେ ବାଧା ପ୍ରାପ୍ତ ହୋଇଥିଲା । ଅଗ୍ନିଶମ ବିଭାଗ ସୁଚନା ପାଇ ଥିଲା । ସୁଚନା ଆଧାରରେ ସହକାରି ଅଗ୍ନିଶମ ଅଧିକାରି ସୁରେଶ କୁମାର ବାରି କ ସହ ଟିମ ପହଞ୍ଚି ଗଛ କୁ କାଟି ଥିଲେ । ପରେ ଚଳା ଚଳ ସ୍ୱାଭାବିଗ ହୋଇଥିଲା । ଦୋକାନ ବଜାର ପ୍ରାୟ ବନ୍ଦ ରହିଥିବା ବେଳେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ସରକାର ବିଦ୍ୟାଳୟ ଖୋଲା ରହିଥିଲା । ଲଗାଣ ବର୍ଷା ରେ ଛାତ୍ର, ଛାତ୍ର. ଶିକ୍ଷକ , ଶିକ୍ଷୟତ୍ରୀ ଭିଜି ଭିଜା ବିଦ୍ୟାଳୟ ଯାଇଥିଲେ । ଲଗାଣ ବର୍ଷା ଜାରି ରହିଥିବା ବେଳେ ଓଦା ଡ୍ରେସ ରେ ଶୀତ କାକରରେ ହିଁ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟରେ ୧୦ ରୁ ୪ଟା ଯାଏ ପାଠ ପଢିଥିଲେ । ବିଦ୍ୟାଳୟ ରେ ଛାତରୁ ପାଣି ପଡୁଥିବା ବେଳେ ଦୁଇ ତିନୋଟି ଶ୍ରେଣି ଗୋଟିଏ କୋଠରିରେ ବସି ପାଠ ପଢିଥିଲେ । କୋରାପୁଟ ଜିଲାରେ ଶତାଧିକ ଘର ଭାଙ୍ଗି ଥିବା ଜଣାଯାଇଛି । ଜୟପୁର ବ୍ଲକର ଖଇରମୁଣ୍ଡି, ଉମୁରି, ଧନପୁର, ଜାମୁଣ୍ଡା, ଜୟନ୍ତିଗିରି, କୁମୁଲିପୁଟ, ଜୟପୁର, ହାଡିଆ, ଗଡପଦର ରେ ୧୪ଟି ଘର ଭାଙ୍ଗିଥିବା ବେଳେ ଗତ କାଲି ୩ଟି ଘର ଭାଙ୍ଗିଛି । ଘର ଭାଙ୍ଗି ଥିବା ଲୋକ ପାଖରେ ତହସିଲଦାର ଚିତ୍ତ ରଞ୍ଜନ ପଟ୍ଟନାୟକ ଓ ରାଜସ୍ୱ ସୁପରଭାଇଜର ହରି ହର ଶତପଥି ପ୍ରମୁଖ ପହଞ୍ଚି ପଲିଥିନ ପ୍ରଦାନ କରିଥିଲେ । ଗତ ୨୪ ଘଣ୍ଟା ଭିତରେ କୋରାପୁଟରେ ୧୧୫.୮ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଲମତାପୁଟରେ ୬୫.୦ମିମି, ପଟ୍ଟାଙ୍ଗିରେ ୪୫.୨ମିମି, ବନ୍ଧୁଗାଁ ରେ ୨ ମିମି, ନନ୍ଦପୁରରେ ୪୭ମିମି, ଦଶମନ୍ତପୁରରେ ୬୪ମିମି, ନାରାୟଣ ପାଟଣାରେ ୭.୪ ମିମି, ଲକ୍ଷ୍ମୀପୁରରେ ୨୨.୮ ମିମି, ସେମିଳିଗୁଡାରେ ୧୨୪.୮ମିମି, ଜୟପୁର ରେ ୧୪୧.୮ ମିମି, କୋଟପାଡରେ ୧୫୨ମିମି, କୁନ୍ଦୁରାରେ ୭୫.୮ମିମି, ବୋରିଗୁମ୍ମାରେ ୮୯.୪ ମିମି ଓ ବୈପାରିଗୁଡାରେ ୧୧୦ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି । କୋରାପୁଟ, ଜୟପୁର, କୋଟପାଡ, ସେମିଳିଗୁଡା, ବୈପାରିଗୁଡା ପ୍ରବଳର ଅତି ପ୍ରବଳ ବର୍ଷା ହୋଇଥିଲା । ପ୍ରବଳ ବର୍ଷାରେ ଶିକ୍ଷକ ଶିକ୍ଷୟତ୍ରୀ ଓଦାରେ ଭିଜି ବିଦ୍ୟାଳୟ କୁ ଯାଇ ନିଜ ଦାୟିତ୍ୱ ତୁଲାଇଥିବା ଲକ୍ଷ୍ୟ କରାଯାଇଛି । ପ୍ରବଳ ଥଣ୍ଡା ଓ କାକର ଲାଗିରହିଥିବାରୁ କୋରାପୁଟ ଜିଲା ଥରୁଥିବା ଲକ୍ଷ୍ୟ କରାଯାଇଛି । ଏପରି ଅବସ୍ଥା ଦେଖି ସମାଜିକ ଗଣ ମାଧ୍ୟମରେ ବିଦ୍ୟାଳୟ ଛୁଟି କରିବା ପାଇ ପ୍ରଶାସନ କୁ ଅନୁରୋଧ କରିଥିଲେ ମଧ ତାହା କୋରାପୁଟ ଜିଲାରେ ସମ୍ଭବ ହୋଇ ପାରି ନଥିଲା । ରାସ୍ତାରେ ଗଛ ଉପୁଡି ପଡିଥିବାରୁ ଜିଲା ଶିକ୍ଷାଧିକାରି ଓ ଗୋଷ୍ଠି ଶିକ୍ଷାଧିକାରି ଙ୍କୁ ଭୟ କରି ବହୁ କଷ୍ଟରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଭିଜି ଭିଜି ବିଦ୍ୟାଳୟକୁ ଯାଇ ଥିବା ଲକ୍ଷ୍ୟ କରାଯାଇଛି ।

### ଭୁବନେଶ୍ୱର ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

# ରାଜସ୍ୱ ସେବା ଅଧିକାରୀ ସଂଘର ଜରୁରୀ ବୈଠକ



**ବାରିପଦା(ଅମୃତ ମିଡିଆ) :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲା ଓ.ଏ.ଏସ. ସଙ୍ଘର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଓ ରାଜସ୍ୱ ସେବା ଅଧିକାରୀ ସଂଘ, ମୟୂରଭଞ୍ଜ ଶାଖାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ନଗର ନିଗମରେ କାର୍ଯ୍ୟରତ ଅତିରିକ୍ତ କମିଶନର ରତ୍ନାକର ସାହୁ ତଥା ନିକଟ ଅତୀତରେ ମୟୁରଭଞ୍ଜ ଜିଲ୍ଲାର କୁଳିଅଣା ତହସିଲଦାର ଦୁର୍ଗା ଚରଣ ମୁର୍ମୁଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣର ତୀବ୍ର ନିନ୍ଦା କରିବା ସହ ଏଯାବତ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବାରୁ ତୁରନ୍ତ ସାମୁହିକ ଛୁଟିରେ ଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ପ୍ରଦାନ କରାଯାଇଛି । ଦିନକୁ ଦିନ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ ବଢ଼ିଚାଲିଛି । ବିଭିନ୍ନ ପଦାଧିକାରୀ ମାନେ କାର୍ଯ୍ୟକ୍ଷେତ୍ରରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଆକ୍ରମଣକାରୀ ମାନେ ନିର୍ଦ୍ଵନ୍ଦରେ ବୁଲୁଛନ୍ତି । ଏସବୁ ନେଇ ଆଜି ବିଶଦ ଆଲୋଚନା ହୋଇଥିଲା ଏବଂ ଖାଲି ମୟୂରଭଞ୍ଜ ନୁହେଁ, ସାରା ରାଜ୍ୟର ଜିଲ୍ଲା ସଂଘ ଗୁଡିକ ସାମୁହିକ ଛୁଟିରେ ଆଜିଠାରୁ ଯାଉଥିବାର ଜଣାଯାଇଛି । ପ୍ରଶାସନିକ ସେବା ଓ ରାଜସ୍ୱ ସେବା ସଂଘ ବ୍ୟତିରେକ ଭାରତୀୟ ପ୍ରଶାସନିକ ସେବା ସଂଘ, ଯନ୍ତ୍ରୀ ସଂଘ, ରାଜସ୍ୱ ନୀରିକ୍ଷକ ସଂଘ, ଅମଲା ସଂଘ ପକ୍ଷରୁ ସହଯୋଗର ହାତ ବଢାଇଛନ୍ତି । ସେମାନେ ମଧ ଖୁବଶିଘ୍ର ସାମୁହିକ ଛୁଟିରେ ଯିବାକୁ ପ୍ରସ୍ତାବ ରଖିଛନ୍ତି । ଏଭଳି ଅଧିକାରୀ ମାନଙ୍କୁ ଆକ୍ରମଣ ଘଟଣାର ସ୍ଥାୟୀ ସମାଧାନ ନହେବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି । ଅନୁଷ୍ଠିତ ବୈଠକରେ ସଂଘର ସମ୍ପାଦକ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ଜିଲ୍ଲାର ଶହେରୁ ଉର୍ଦ୍ଧ ପଦାଧିକାରୀ ଯୋଗ ଦେଇଥିଲେ. ଏହି ସମୟରେ ଅଫିସ ନଯିବା ସହ କୌଣସି ଅନଲାଇନ କାମ ନକରିବାକୁ ମଧ ସଙ୍ଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

# ନିଶାଦ୍ରବ୍ୟ ସେବନ ହିଁ ଜନଜାତିଙ୍କ ଉନ୍ନତିରେ ସାଜିଛି ମୁଖ୍ୟ ବାଧକ : ନବକିଶୋର

**ବାରିପଦା /ଉଦଳା(ଅମୃତ ମିଡିଆ) :** 'କହିଲେ କୂଳ କୁଟୁମ୍ବଙ୍କୁ ଲାଜ...' କଥାଟି କିଏ କାହାକୁ କେଉଁ ପ୍ରସଙ୍ଗରେ କହିଥିଲେ ମତେ ଜଣା ନାହିଁ । କିନ୍ତୁ ଏହାର ବାସ୍ତବ ଚିତ୍ର ରାତି ପାହିଲେ ଆଖି ଖୋଲିବା ଠାରୁ ରାତ୍ରୀ ଶୋଇବା ପର୍ଯ୍ୟନ୍ତ ସବୁଠି ବେଶ ଭଲ ଭାବରେ ଦୃଶ୍ୟମାନ ହେଉଛି ବୋଲି ଖୁଂଟା ବ୍ଲକ ଅନ୍ତର୍ଗତ ଡ଼େଙ୍ଗାମ ପଂଚାୟତର ସରପଂଚ ନବକିଶୋର ମୁର୍ମୁ ବ୍ୟକ୍ତ କରିଛନ୍ତି । ନିଶାଦ୍ରବ୍ୟ ସେବନ ଯୋଗୁଁ ଆମ ଆଦିବାସି ଭାଇ ଭଉଣୀ ମାନେ ଆଗକୁ ଯାଇପାରୁ ନାହାଁନ୍ତି । ଏକଥା ସମସ୍ତେ ବେଶ ଭଲ ଭାବରେ ବୁଝୁଛନ୍ତି । କିନ୍ତୁ ନିଶାଦ୍ରବ୍ୟ ସେବନ ପରିତ୍ୟାଗର ଉଦ୍ୟମ କୌଣସି ମହଲରେ ହେଉନଥିବାର ସେ ଜଣାଇଛନ୍ତି । ଏପରିକି ନିଶା ଦ୍ରବ୍ୟ ସେବନ ବିରୁଦ୍ଧରେ ଯିଏ ସ୍ୱର ଉତୋଳନ କରିବ ତାଙ୍କୁ ଭୟଙ୍କର ବିପଦକୁ ସାମନା କରିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ ବୋଲି ସରପଂଚ ଶ୍ରୀଯୁକ୍ତ ମୁର୍ମୁ କହିଛନ୍ତି । ହାଣ୍ଡିଆ ମଧ ଏକ ନିଶା ଦ୍ରବ୍ୟ । ଏହାକୁ ଆମ ଆଦିବାସି ଭାଇ ଭଉଣୀ ମାନେ ବହୁଳ ଭାବରେ ସେବନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ହାଣ୍ଡିଆ ସେବନ ପରେ ନିଶାଗ୍ରସ୍ତ ଅବସ୍ଥାରେ ଆମ ଭାଇ ଭଉଣୀ ମାନେ ଯେଉଁ ପ୍ରକାର ପରିବେଶ ସୃଷ୍ଟି କରୁଛନ୍ତି ତାହା ବ୍ୟକ୍ତ କରିବାକୁ ଲଜ୍ୟା ଲାଗୁଛି ବୋଲି ସେ କହିଛନ୍ତି । ସବୁଠାରୁ ଅଧିକ ଦୁଃଖର ବିଷୟ ସରକାର ହାଣ୍ଡିଆକୁ ନିଶାଦ୍ରବ୍ୟ ତାଲିକାରୁ ବାଦ ଦେଇଛନ୍ତି । କେତେକ ଆଦିବାସି ନେତା ମଧ ହାଣ୍ଡିଆ ଆଦିବାସି ମାନଙ୍କର ଖାଦ୍ୟ, ନିଶାଦ୍ରବ୍ୟ ନୁହେଁ ବୋଲି ଭାଷଣବାଜି ମାରି ଆମ ଭାଇ ଭଉଣୀ ମାନଙ୍କୁ ହାଣ୍ଡିଆ ସେବନ ପାଇଁ ଉତ୍ସାହିତ କରୁଛନ୍ତି । ଏହି ସବୁ ନେତା ମାନେ ଆମ ଭାଇ ଭଉଣୀ ମାନଙ୍କର ଶତ୍ରୁ ଅଟନ୍ତି । ଆଦିବାସିଙ୍କର ଉନ୍ନତି କଥା ଏମାନେ ଆଦୌ ଚାହାଁନ୍ତି ନାହିଁ ବୋଲି ସରପଂଚ ଶ୍ରୀଯୁକ୍ତ ମୁର୍ମୁ ଖୋଲା ଖୋଲି ବ୍ୟକ୍ତ କରିଛନ୍ତି । ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସରପଂଚ ନବକିଶୋର ଚଳାଇଥିବା ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏଥିପାଇଁ ନବକିଶୋରଙ୍କର ସୃଷ୍ଟି ହୋଇଛି ଏକ ସ୍ୱତନ୍ତ୍ର ସମ୍ମାନ । ନିକଟରେ ଜନଜାଗୃତି ମଂଚ ତରଫରୁ ଖୁଂଟା ଓ ଗୋପବନ୍ଧୁନଗର ବ୍ଲକ ଅଂଚଳରେ କାର୍ଯ୍ୟରତ ସରପଂଚ ମାନଙ୍କ ପାଇଁ ଏକ 'ଡ଼ିଜିଟାଲ ସାକ୍ଷରତା' ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ତାଲିମ ଶିବିରରେ ସରପଂଚ ନବକିଶୋର ଯୋଗଦେଇ ପାରିନଥିଲେ । କିନ୍ତୁ ପରେ ଏ ସମ୍ପର୍କରେ ମଂଚର ଟେକନିକାଲ ସାଥି ତାଙ୍କୁ ଅବଗତ କରାଇଥିଲେ । ଏହାକୁ ସେ ପ୍ରଶଂସା କରିଥିଲେ । କିନ୍ତୁ ଅତି ଦୁଃଖର ସହକାରେ ଜଣାଇଥିଲେ , ଆମ ପଂଚାୟତରେ ବର୍ତମାନ ମଧ ଶତକଡ଼ା ୬୦ ଭାଗ ଲୋକ ନିରକ୍ଷର ଅଟନ୍ତି । ଏହିଭଳି ଲୋକଙ୍କୁ ଡ଼ିଜିଟାଲ ଦୁନିଆଁ ବିଷୟରେ କହିଲେ ସେମାନେ ବୁଝିବେ କଣ ? ଏଥିପାଇଁ ଆହୁରି ବହୁ ସମୟ ଲାଗିବ ବୋଲି ଜଣାଇଥିଲେ । ତେବେ ନିରକ୍ଷରତା ଦୁର ପାଇଁ ପଂଚାୟତ ତରଫରୁ ଉଦ୍ୟମ ଜାରି ରହିଛି ବୋଲି ସେ ଜଣାଇଥିଲେ ।

# କନ୍ୟା ସନ୍ତାନ ପାଇଁ ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଖୋଲନ୍ତୁ : ପ୍ରମିଳା ପଣ୍ଡା

**ବାରିପଦା /ଉଦଳା(ଅମୃତ ମିଡିଆ) :** କନ୍ୟା ସନ୍ତାନ ପାଇଁ ସୁକନ୍ୟା ସମୃଦ୍ଧି ଆକାଉଂଟ ଖୋଲିବାକୁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅନୁରୋଧ ଜଣାଇଛନ୍ତି । ଏହି ସୁବିଧା ସମସ୍ତ ଡ଼ାକ ଘର, ସରକାରୀ ବ୍ୟାଙ୍କ ଶାଖା ଏବଂ ଘରୋଇ ବ୍ୟାଙ୍କ ଶାଖାରେ ଉପଲବ୍ଧ । ସୁକନ୍ୟା ସମୃଦ୍ଧି ଯୋଜନା ହେଉଛି ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଆର୍ଥିକ ସଂଚୟ ମୂଳକ ଯୋଜନା । ଏହି ଯୋଜନା କେବଳ କନ୍ୟା ସନ୍ତାନ ମାନଙ୍କ ପାଇଁ ପ୍ରଯୁଜ୍ୟ । ପିତା ମାତାଙ୍କୁ ସେମାନଙ୍କ କନ୍ୟା ସନ୍ତାନର ଭବିଷ୍ୟତ ଶିକ୍ଷା ଏବଂ ବିବାହ ଖର୍ଚ୍ଚ ପାଇଁ ପାଣ୍ଠି ଗଠନ କରିବାକୁ ଉତ୍ସାହିତ କରିଥାଏ । ଉକ୍ତ ଯୋଜନାରେ ଗୋଟିଏ ଆର୍ଥିକ ବର୍ଷରେ ସର୍ବ ନିମ୍ନ ୨୫୦ ଟଙ୍କା ଏବଂ ସର୍ବାଧିକ ୧ ଲକ୍ଷ ୫୦ ହଜାର ଟଙ୍କା ରଖିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଭାରତ ସରକାରଙ୍କର ଅର୍ଥ ବିଭାଗ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ବେଳେ ଅଧିକ ସୂଚନା ପାଇଁ ସ୍ଥାନୀୟ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ନଗରପାଳ ଶ୍ରୀମତି ପଣ୍ଡା ଜଣାଇଛନ୍ତି ।

# ହନୁମାନ ଚାଳିଶା ଓ ହିନ୍ଦୁଧର୍ମ ଜାଗରଣ ଆଲୋଚନାଚକ୍ର



**ଚଣ୍ଡିଖୋଲ(ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ନେଳିଆ ପଂଚାୟତ ବିଦ୍ୟାଧର ପୁର ଗ୍ରାମ ରେ ହନୁମାନ ଚାଳିଶା ପାଠ ଓ ହିନ୍ଦୁ ଧର୍ମ ଜାଗରଣ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି,। ଛତିଆ ସମାଜ ସେବୀ ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ର ରେ ସିଦ୍ଧଗିରି ଆଶ୍ରମ ମହନ୍ତ ବାବାଜୀ ବିଶ୍ୱନାଥ ଦାସ ମହାରାଜ ମୁଖ୍ୟ ଅତିଥି ଓ ସାଧୁ ଦର୍ଶନ ବିଦ୍ୟାର୍ଥୀ କବିନ୍ଦ୍ର ମରାଜ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ହିନ୍ଦୁଧର୍ମ ଜାଗରଣ ଉପରେ ଉଦବୋଧନ ଦେଇଥିଲେ,। ରଶ୍ମି ରଞ୍ଜନ ବେହେରା ଙ୍କ ପ୍ରତେକ୍ଷ ତତ୍ୱା ବଧାନ ରେ ହନୁମାନ ଚାଳିଶା ପାଠ କରାଯାଇଥିଲା, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ସ୍ୱାଇଁ ଓ ଯୁବ ସମାଜ ସେବୀ ଦିଲୀପ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ, ଦୟାନିଧି ବିଶ୍ୱାଳ ସୁଧୀର ରଞ୍ଜନ ଓତା ସନ୍ତୋଷ ପ୍ରଧାନ ଓ ସାମ୍ବାଦିକ କାର୍ତ୍ତିକ ରାଉତ ପ୍ରମୁଖ କାର୍ଯ୍ୟ କ୍ରମ ପରିଚାଳନା ରେ ସହଯୋଗ କରିଥିଲେ, ସୌମ୍ୟ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

# କୋର୍ଟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




**ବେତନଟୀ(ଅମୃତ ମିଡିଆ) :** ବନମହୋତ୍ସବ ସପ୍ତାହ ପାଳନ ପରିପ୍ରେକ୍ଷୀରେ ବେତନଟୀର ନୂତନ କୋର୍ଟ ପରିସରରେ ବିଭିନ୍ନ ପ୍ରକାରର ଚାରା ଗଛ ରୋପଣ କରାଯାଇଅଛି । ମାନନୀୟା ବିଚାରପତି ସୁଶ୍ରୀ ରଶ୍ମି ନାରାୟଣୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ରେଞ୍ଜ ଅଫିସର ମନୁଓ୍ୱାର ଖାଁଙ୍କ ସହଯୋଗରେ ବଉଳ, ପିଜୁଳୀ, ଓଉ,ନିମ୍ବ, ଆମ୍ବ ଆଦି ନାନାଦି ପ୍ରକାରର ଚାରାଗଛ ରୋପଣ କରାଯାଇଥିଲା । ଏଥିରେ ସ୍ଥାନୀୟ ରେଞ୍ଜ ଅଫିସ ଓ କୋର୍ଟ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ବେତନେଟୀ ବାର୍ ଏସୋସିଏସନର କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଓକିଲ ଗଣ ଉପସ୍ଥିତ ଥିଲେ ।

# ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା





**ବାଲିଚନ୍ଦ୍ରପୁର(ଅମୃତ ମିଡିଆ) :** ବଡଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡା ଓ ସହକାରୀ ଶିକ୍ଷକ ବିଜୟ କୁମାର ପରିଡାଙ୍କ ଅସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବୈଦିକ ବିଦ୍ୱାନ ଆଧାତ୍ମିକ ପ୍ରବଚକ ତଥା ଅବସର ପ୍ରାପ୍ତ ଶିକ୍ଷକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିକ୍ଷକତା ହେଉଛି ଏକ ପବିତ୍ର ବୃତ୍ତି । ଏହି ବୃତ୍ତିରେ ଦୀର୍ଘ ବର୍ଷ ଧରି ଦାୟିତ୍ୱ ଲିଭାଇ ଆଜି ଦୁଇ ଶିକ୍ଷକ ଅବସର ନେଉଛନ୍ତି । ସେମାନଙ୍କର ଅବସର ଜୀବନ ସୁଖ ଓ ଶାନ୍ତିମୟ ହେବାକୁ ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଦ୍ୱୟ ଦୀର୍ଘ ୩୯ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରି ଅନେକ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ କରିପାରିଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ବଡଚଣା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ପ୍ରାଧାପକ ଯଚିନ୍ଦ୍ର କୁମାର ରାଉତ, ପତରାଜପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ତନୁଶ୍ରୀ ଦାସ ଓ ସମିତିସଭ୍ୟ କୁଳମଣି ବାରିକ ପ୍ରମୁଖ ଯୋଗଦେଇ ଏହି ବିଦ୍ୟାଳୟ ପାଇଁ ଉଭୟ ଶିକ୍ଷକଙ୍କର ଅବଦାନ ସମ୍ପର୍କରେ ନିଜ ନିଜର ମତପୋଷଣ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାମ୍ବାଦିକ ରାକେଶ କୁମାର ବାରିକ, ପଞ୍ଚସଖା ଶିକ୍ଷା ସମିତିର ସଭାପତି ଜ୍ଞାନ ରଞ୍ଜନ ଦାସ, ପୁର୍ବତନ ଶିକ୍ଷକ ଚନ୍ଦ୍ରମଣି ସାମଲ, ଓସ୍ତା ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ବ୍ଲକ ଓସ୍ତା ସଭାପତି ଦୟାନିଧି ସାମଲ, ବଡଚଣା ବ୍ଲକର ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ମୁଖ୍ୟ ସ୍ମୃତି ରଞ୍ଜନ ଆଚାର୍ଯ୍ୟ, ଓସ୍ତାର ବ୍ଲକ ସମ୍ପାଦକ ସତ୍ୟବାଦୀ ପଣ୍ଡା, ସମାଜସେବୀ ଗଦାଧର ଦାସ ପ୍ରମୁଖ ଯୋଗଦେଇ ଦୁଇ ଦୁଇ ଶିକ୍ଷକଙ୍କ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରର ମୁଖ୍ୟ ପତ୍ର "ବୈଜୟନ୍ତୀ"କୁ ଅତିଥିମାନେ ଉନ୍ମୋଚିତ କରିବା ସହିତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଦୁହିଁଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ । ଶିକ୍ଷୟିତ୍ରୀ ନର୍ମଦା ମହାନ୍ତି ଓ ଶିକ୍ଷକ ବିଘ୍ନେଶ୍ୱର ସିଂହ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ଅମ୍ରିତା ସିଂହ । ଶିକ୍ଷୟିତ୍ରୀ ମଧୁସ୍ମିତା ପଣ୍ଡା ମାନପତ୍ର ପାଠ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷକ ମରୁତ କୁମାର ସାମଲ । ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ବେହେରା ଓ ପ୍ରଭାସିନୀ ବେହେରା ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ, ବିଦ୍ୟାଳୟ କର୍ମକର୍ତ୍ତା ସମେତ ବହୁ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବିଘ୍ନରାଜ ଗଣେଶ ଓ ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଉତ୍ସବର ପ୍ରଥମ ଅଧିବେଶନରେ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡା ଓ ସହକାରୀ ଶିକ୍ଷକ ବିଜୟ କୁମାର ପରିଡାଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ବାଜା, ବାଣ ମାଧ୍ୟମରେ ଗାଁ କୁ ଗାଁ ବୁଲାଇ ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲେ । ପ୍ରତି ସାହିରେ ଶିକ୍ଷକ ଦ୍ୱୟଙ୍କୁ ଫୁଲ ଚନ୍ଦନ ଓ ଉତ୍ତରୀୟ ଦେଇ ଗ୍ରାମବାସୀମାନେ ସମ୍ବର୍ଦ୍ଧିତ କରିଥିଲେ ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଖୋର୍ଦ୍ଧା(ଅମୃତ ମିଡିଆ) :** ସରକାରୀ ପ୍ରାଥମିକ ବିଦ୍ୟାଳୟ ଚନ୍ଦ୍ରମାପାଟପୁର ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ସଭାର ସଭାପତି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ରଙ୍କନାଥ ଦାସଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଗୁରୁଜୀ ଗୁରୁମା'ଙ୍କର କାର୍ଯ୍ୟକଳାପ ଓ ବାତ୍ସଲ୍ୟ ମମତା ଉପରେ ଆଲୋକପାତ କରିଥିଲେ । ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଭାଗ୍ୟଶ୍ରୀ ମହାପାତ୍ର ସଭା ସଂଯୋଜନା କରିଥିଲେ । ଶିକ୍ଷା କ୍ଷେତ୍ରରେ କଠୋର ଅଧବସାୟ ଓ ସାଧନା ବଳରେ ଅନେକ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିଛନ୍ତି ଓ ସମାଜର ଶିକ୍ଷାର ଉନ୍ନତି ଆଣିବାରେ ଗୁରୁମା'ଙ୍କର ତ୍ୟାଗ ଅତ୍ୟନ୍ତ ପ୍ରଶଂସନୀୟ । ସେହିପରି ସରକାରୀ ପ୍ରାଥମିକ ବିଦ୍ୟାଳୟ ଛତ୍ରମାଗଡ଼ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ଦେବୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବଡ଼ ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଜଣେ ଆଦର୍ଶ ନୀତିନିଷ୍ଠ, କର୍ତ୍ତବ୍ୟ ପରାୟଣ, ଉଚ୍ଚକୋଟୀର ବ୍ୟକ୍ତିତ୍ୱଙ୍କୁ ବର୍ଣ୍ଣାତ୍ୟ ଉତ୍ସବରେ ସମ୍ମାନୀତ କରି ପ୍ରାଥମିକ ଶିକ୍ଷକ ସଂଘ ଆପଣଙ୍କ ନିକଟରେ ଚିରଋଣୀ । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ବାଜପୁରଠାରେ ସହକାରୀ ଶିକ୍ଷୟିତ୍ରୀ ସଂଜୁବାଳା ଦେଇଙ୍କ ଅବସରକାଳୀନ ସଭା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କ ଅଧକ୍ଷତାର ଅନୁଷ୍ଠିତ ହୋଇଯାଇଛି । ସଂଜୁ ଗୁରୁମା ବିଭିନ୍ନ ବିଦ୍ୟାଳୟରେ କର୍ତ୍ତବ୍ୟ ପାଳନ ପୂର୍ବକ ଜୀବନକୁ ଉତ୍ସର୍ଗ କରି ଶିକ୍ଷା କ୍ଷେତ୍ରରେ କଠୋର ଅଧବସାୟ ଓ ସାଧନା ବଳରେ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରି ବାଜପୁରରେ ନିଜର ନାମ ଅଭିଭାବକ, ପରିଚାଳନା କମିଟି, ଗ୍ରାମ୍ୟବାସୀ ନିକଟରେ ଛାପ ଛାଡ଼ିଯାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ଉପ-ସଭାପତି ଅଗାଧୁ ସେଠୀ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ଅମୀୟ କୁମାର ପରିଡ଼ା, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ଖୋର୍ଦ୍ଧା ବ୍ଲକର ସମସ୍ତ ସି.ଆର.ସି.ସି. ବୃନ୍ଦ ଧ୍ରୁବ ଚରଣ ରଣା, ଧରଣୀଧର ମଲ୍ଲିକ, ରବି ନାରାୟଣ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ବିଶ୍ୱରଂଜନ ସେଠୀ, ସୁଶାନ୍ତ ହରିଚନ୍ଦନ, ପ୍ରହ୍ଲାଦ ମହାରଣା, ଶିବ ପ୍ରସାଦ ମହାପାତ୍ର, ରଶ୍ମିରଂଜନ ବ୍ରହ୍ମା, ପ୍ରହ୍ଲାଦ ବାରିକ, ସରୋଜିନୀ ସାହୁ, ସ୍ୱପ୍ନେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇ ଗୁରୁମା'ଙ୍କ ଅବଶିଷ୍ଟ ଦିନ ସୁଖ, ଶାନ୍ତି ଓ ନିରୋଗରେ ଜୀବନ ଯାପନ କରନ୍ତୁ ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

# ଗୋଦାବରୀଶ ଆବାସିକ ବିଦ୍ୟାଳୟ ଚୟନ ନେଇ ଦାବିପତ୍ର



**ବାରିପଦା/କରଞ୍ଜିଆ(ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା, କରଞ୍ଜିଆ ବ୍ଲକ ଅନ୍ତର୍ଗତ ପାଟବିଲ ପଞ୍ଚାୟତ ର ବିଶିପୁର ଗ୍ରାମବାସୀ ମାନେ ପ୍ରାଥମିକ ବିଦ୍ୟାଳୟ କୁ ଗୋଦାବରୀଶ ଆବାସିକ ବିଦ୍ୟାଳୟ ଭାବେ ଚୟନ କରାଯିବା ଦାବୀ ରେ କରଞ୍ଜିଆ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆସି ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ଯୁଧିଷ୍ଠିର ରଣଶିଆ ଓ ସୁଲୋଚନା ପଧୁରିଆ ଙ୍କ ନେତୃତ୍ୱ ରେ ଶତାଧିକ ମହିଳା ଓ ପୁରୁଷ କାର୍ଯ୍ୟାଳୟ ରେ ଉପସ୍ଥିତ ହୋଇ ଦୀର୍ଘ ୨ ଘଣ୍ଟା ରୁ ଉର୍ଦ୍ଧ୍ୱ ସମୟ ଧରି ଗୋଷ୍ଠି ଶିକ୍ଷା ଅଧିକାରୀଣୀ ଙ୍କ ଅପେକ୍ଷା ପରେ ମଧ୍ୟ ସେ କାର୍ଯ୍ୟାଳୟ କୁ ଆସିବେ ନାହିଁ ବୋଲି କହିଇବା ପରେ ଶେଷରେ ବାଧହୋଇ ଗ୍ରାମବାସୀ ମାନେ ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀଣୀ ଶ୍ରୀମତୀ ସୁଭଦ୍ରା ମହାନ୍ତ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବୀପତ୍ର ଅନୁଯାୟୀ ବିଶିପୁର ରାଜସ୍ୱ ଗ୍ରାମର ଉଚ୍ଚପ୍ରାଥମିକ ବିଦ୍ୟାଳୟ ରେ ଏବେ ପ୍ରାୟ ୨୦୦ ପିଲା ପଢୁଥିବା ବେଳେ ଉକ୍ତ ଗ୍ରାମରେ ଅଧିକାଂଶ ଲୋକ ଆଦିବାସୀ ଓ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି । ସେମାନେ ନିଜ ଗ୍ରାମ ରେ ବା ନିକଟବର୍ତ୍ତୀ ଗ୍ରାମ ରେ ଆବାସିକ ବିଦ୍ୟାଳୟ ନଥିବାରୁ ଛାତ୍ର ଛାତ୍ରୀ ମାନେ ପାଠପଢ଼ାରେ ବହୁ ଅସୁବିଧା ର ସମ୍ମୁଖୀନ ହେଉଥିବା ବେଳେ ବିଶିପୁର ପ୍ରାଥମିକ ବିଦ୍ୟାଳୟ କୁ ଗୋଦାବରୀଶ ଆବାସିକ ବିଦ୍ୟାଳୟ ନିମନ୍ତେ ଚୟନ ଦାବୀ ଉଲ୍ଲେଖ କରିଛନ୍ତି । ଉକ୍ତ ଅବସରରେ ରେ କୁନି ଦାସ, ଜାଇ ନାଏକ, ବାବୁଲା ଦାସ, ବାସୁଦେବ ରାମଜୁଡ଼ିଆ, ରମାକାନ୍ତ ମହାନ୍ତ ଙ୍କ ସମେତ ବହୁସଂଖ୍ୟକ ଅଭିଭାବକ ଉପସ୍ଥିତ ଥିଲେ ।ତେବେ ଉକ୍ତ ଦାବିପତ୍ର କୁ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ନିକଟକୁ ପଠାଇଦିଆଯିବ ବୋଲି ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରିଣୀ ସୁଭଦ୍ରା ମହାନ୍ତ ଗ୍ରାମବାସୀଙ୍କୁ ସୂଚନା ଦେଇଛନ୍ତି । ଏନେଇ ଗ୍ରାମବାସୀ ଓ ଅଭିଭାବକ ମାନେ ପୂର୍ବରୁ ଜିଲ୍ଲାପାଳ ଙ୍କ ମିଳିତ ଜନ ଶୁଣାଣି ଶିବିର ରେ ଉକ୍ତ ଦାବି ରଖିଥିବା ର ଜଣାପଡିଛି ।